# ଆଖିର ସେ ପାଖେ

ଶତାବ୍ଦୀର ଆୟୁଷ ଘେନି ବରଗଛଟା ସେଇଠି ଥିଲା । ତାହାରି ପାଖେ ପାଞ୍ଚବର୍ଷ ହେଲା ଯେଉଁ ଡାକ୍ତରଖାନାଟି ପ୍ରାୟ ପନ୍ଦର ଫୁଟ ଉଚ୍ଚକୁ ମୁଣ୍ଡ ଟେକିଛି, ତାହାରି ଫଳରେ ଲୋକେ ସେଇ ବରଗଛକୁ ଭୁଲିଯାଇଛନ୍ତି । କହୁଛନ୍ତି କ' ଣ ନା – 'ଡାକ୍ତରଖାନା ହତାରେ ବରଗଛଟା ଅଛି !' କିନ୍ତୁ ଶୁକ୍ରୁ ଜାନି କହେ – 'ବରଗଛ ପାଖେ ଡାକ୍ତରଖାନାଟା ଅଛି ।' ସେ କାହିଁକି କହେ ନା ବରଗଛକୁ ସେ ଜାଣେ, ତା' ବାପା ଜାଣେ; ଆଉ ବଡ଼ ଗୋସାଇଁବାପା ଜାଣେ ବୋଲି ବାପାଙ୍କଠାରୁ ସେ ଶୁଣିଛି । ଏଡ଼େ ବଡ଼ ବରଗଛ ଇତିହାସ ସୃଷ୍ଟି କରି ନପାରି ପଞ୍ଚବାର୍ଷିକ ଯୋଜନାର ପନ୍ଦର ଫୁଟ ଉଚ୍ଚର ପକ୍କା ଘରଟା ବର୍ତ୍ତମାନ ସେଠାରେ ଇତିହାସ ସୃଷ୍ଟି କରୁଛି ।

ଆଗେ ସେ ବର ଗଛ ପାଖକୁ ବଣର ସବୁ ଜୀବଜନ୍ତୁ ଆସୁଥିଲେ । କୁଆ, ବଣି, ପାରା ତା' କୋଳରେ ତ ଆଶ୍ରୟ ନେଉଥିଲେ, ହାତୀ ଆସୁଥିଲା ଡାଳ ଖାଇବାକୁ, ବାଘ ଆସୁଥିଲା ଶିକାର ଖୋଜିବାକୁ, ଖରାକାଳରେ ଥଣ୍ଡା ପାଇବାପାଇଁ ହରିଣ ସମ୍ବର ମଧ୍ୟ ଆସୁଥିଲେ । ସମସ୍ତେ ଏବେ ଦୂରେଇଗଲେ ସେଇ ପକ୍କା ଘରଯୋଗୁଁ । ସେମାନେ ଆଉ ପାଦ ପକାଇଲେ ନାହିଁ ଉପଭୋଗ କରିବାପାଇଁ ସେହି ବରଗଛ ପାଖକୁ; କିନ୍ତୁ ଏବେ ଯେଉଁମାନେ ସେଇ ବରଗଛ ପାଖରେ ଆସି ବସୁଛନ୍ତି ସେମାନେ ହେଉଛନ୍ତି ପ୍ରାୟ ସମସ୍ତେ ରୋଗୀ, ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ।

ଶୁକ୍ରୁ ଜାନି ଏହିପରି ଗୋଟିଏ ଜୀବ । ଜୀବନର ସ୍ୱାଦ ଅନୁଭବ କରିବାପାଇଁ ହାତରେ ଧନୁଶର ଧରି କେତେ ଥର ସେ ସେହି ବରଗଛମୂଳେ ବସିଛି, ଜାଲ ପକାଇ କେତେ ଥର ସେ ଅପେକ୍ଷା କରିଛି; କିନ୍ତୁ ଏଥର ଯେ ସେ ଆସିଲା, ତା' ହାତରେ ଧନୁଶର ନଥିଲା କି ଜାଲ ନଥିଲା । ସେ ଥର ଆସିଥିଲା ପୁଅକୁ କୋଳରେ ଧରି ଔଷଧ ପାଇଁ । ତା' ଜୀବନରେ ସେ କାମ ନୂଆ । ଆଗେ ବଣଜନ୍ତୁଙ୍କ ଭିତରେ ସେ ନିଜକୁ ଜଣେ ବୋଲି ମନେ କରୁଥିଲା । ବିରାଡ଼ିର ପେଟ ଖରାପ ହେଲେ ସେ ଘାସ ଖାଇ ବାନ୍ତି କରେ । ବଣ-ମଇଁଷି, ଜିଆଦ, ହରିଣଙ୍କ ଦେହରେ ଘା ହେଲେ ସେମାନେ ଡାଳପତ୍ରରେ ଘଷିହୋଇଯାଆନ୍ତି । ବେମାର ହେଲେ କେତେ ଜନ୍ତୁ ଲୁଣି ଉକୁଟା ମାଟି ଖାଇ ଆରୋଗ୍ୟ ହୁଅନ୍ତି । ଶୁକ୍ରୁ ଜାନି ଏହିପରି ପ୍ରକୃତିର ଜଣେ ଜୀବ ଥିଲା । କେଉଁ ଗଛର ପତ୍ର, କେଉଁ ଝରଣାକୂଳର ମାଟି, କେଉଁ ଲତାର ଚେର ନେଇ ସେ ଓ ତାର ଜାତିର ଲୋକେ ରୋଗମୁକ୍ତ ହେଉଥିଲେ; କିନ୍ତୁ ଯେଉଁଦିନ ସଭ୍ୟତାର ଆଲୋକ ସେହି ଘନ ବନାଞ୍ଚଳ ଭିତରେ ପଡ଼ିଲା, ସେମାନେ ଦେଖିଲେ ସବୁ ରୋଗ ପାଇଁ ଗୋଟାଏ ଘରେ ଔଷଧ ଜମା, ଜଣେ ଲୋକ ତାକୁ ଦେଉଛି; ସେହି କେବଳ ଔଷଧ ଜାଣେ, ଆଉ, ସେହି କେବଳ ରୋଗ ଚିହ୍ନେ । ନିଜର ରୋଗ ନିଜେ ଚିହ୍ନିବା କ୍ରମେ ଲୋକଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଲା । ତେଣୁ ଶୁକ୍ରୁ ଜାନିର ସତର ବର୍ଷର ପୁଅ ଯେତେବେଳେ ଶେଯରେ ପଡ଼ିରହିଲା, ଶୁକ୍ରୁ ଜାନିକୁ ଦେଖାଯାଇଥିଲା କେବଳ ସେହି ଘରଟା । ଶତାବ୍ଦୀର ଆୟୁଷ ଘେନି ଯେଉଁ ବିରାଟ ବରଗଛ ଅଗଣିତ ଜୀବଜନ୍ତୁଙ୍କୁ ଆଶୀର୍ବାଦ ଦେଲା ପରି ଡାଳପତ୍ର ବାହା ମେଲେଇ ଠିଆହୋଇଛି, ତାହାରି ତଳେ ସେ ଆସି ପୁଅକୁ ଲୁଗା ଘେରା ଖଟିଆରେ ଶୁଆଇ ଥରେ କହିଥିଲା – "ପୁଅରେ, ତତେ ଭଲ କଲେ ମୁଁ ଏଠାରୁ ଯିବି ।" କିନ୍ତୁ ଦିନ ପନ୍ଦରଟା ପରେ ସେ ଏକାକୀ ଘରକୁ ଫେରିଲା, ପୁଅ ଆଉ ଯାଇପାରିଲା ନାହିଁ । ମଲା ପୁଅର ମୁହଁରେ କେତେକ ଗଛର ଚେର, କେତେ ଲତାର ପତ୍ର ଆଣି ଦେଲା; କିନ୍ତୁ ପୁଅ ଯେତେବେଳେ ଉଠିଲା ନାହିଁ; କହିଲା – "ଏଇ ଜାଗାଟା ଖରାପ ହୋଇଗଲା !!"

ଶୁକ୍ରୁ ଜାନି ତାର ସେଇ ପତ୍ର-କୁଡ଼ିଆକୁ ଫେରିବାର ତିନିବର୍ଷ ପରେ ପୁଣି ସେଇ ବରଗଛମୂଳକୁ ଆସିବା ଦରକାର ପଡ଼ିଲା । ସେଇ ବରଗଛଠାରୁ ପ୍ରାୟ ପାଞ୍ଚକୋଶ ଦୂରରେ ଏକ ପର୍ବତ ତଳେ ତାର ଘର । ଘରେ ତାର ଏକମାତ୍ର ସାଥୀ

ଗୋଟିଏ କୁକୁର । ସେ ଘରେ ଶୋଇଲେ କୁକୁର ବାହାରେ ଶୁଏ । ସେ ବାହାରକୁ ଗଲେ କୁକୁରଟି ପଛରେ ରହେ । ସେ ପାଣିକି ପଶିଲେ କୁକୁର ପାଣିକୂଲାଗି କୂଳରେ ଠିଆହୋଇ ରହେ । ସେ ମନେ ମନେ ପୁଅକୁ ଖୋଜିଲେ କୁକୁର ଜାଣିଲାପରି ପାଞ୍ଚକୋଶ ଦୂରରେ ଥିବା ସେହି ବିରାଟ ବରଗଛ ଆଡ଼କୁ ମୁହଁ ବୁଲାଇ ଠିଆହୁଏ; ଖଣ୍ଡେ ଦୂର ଧାଇଁଆସି ପୁଣି ଫେରିଯାଏ । ସତେ ଯେପରି ସେ ତାର ମୁନିବକୁ କହେ – ଚାଲ ଯିବା ଯେଉଁଠି ମୁଁ ବହୁବାର ଶିକାର କରିଥିଲି ସେଠି ସେ ଥିବ । ଶୁକ୍ରୁ ଜାନି କୁକୁରର ମନକଥା ବୁଝିଲା ପରି ତାକୁ ଜାକିଧରି ମୁହଁକୁ ମୁହଁ ଲଗାଇ କହେ – 'ସେଠାକୁ ଯାଇପାରିବିନି ରେ, ଯାଇପାରିବିନି ! ସେଠାରେ ଏତେ ଆଲୁଅ ଯେ ମୋ ଆଖି ଝଲସିଯିବ । ତାକୁ ଦେଖିବି କିମିତି ?' ଏହା କହି ସେ ଅନେକ ସମୟ ଭାବେ, ଆଖି ବୁଜି ବସେ ।

ଅନ୍ଧାରରେ ଲୋକ ଦେଖିପାରେ ନାହିଁ; କିନ୍ତୁ ଆଖି ବୁଜିଲେ ଯେ ଅନ୍ଧାର, ଶୁକ୍ରୁ ଜାନି ସେହି ଅନ୍ଧାର ଭିତରେ ଅନେକ କଥା ଦେଖିପାରେ । ତାକୁ ଦେଖାଯାଏ, ତରୁ-ପତ୍ରଶୋଭିତ ଏକ ନିଘଞ୍ଚ ବନପ୍ରଦେଶରେ ଜଣେ କିଏ ହସିଲା, ଖେଳିଲା, ବୁଲିଲା । ମହୁଲ ଫୁଲର ମଧୁର ରସ ପ୍ରାଣରେ ପରିତୃପ୍ତି ଆଣିଲା । ସେ ମତୁଆଲା ହୋଇ ଜଣକୁ ପାଇଲା । ଯାହାକୁ ପାଇଲା ସେ ମହୁଲ ଫୁଲ ପରି ଫୁଟି ମହୁଲ-ମଦିରାରେ ତାକୁ ଆସକ୍ତ କରି ଅଳ୍ପ ଦିନରେ ଚାଲିଗଲା । କିନ୍ତୁ ଦେଇଗଲା କୋଳରେ ଏକ ଅମୂଲ୍ୟ ନିଧି, ଯାହାକୁ ଧରି ସେ ବଣରାଜ୍ୟରେ ନିଜକୁ ଭାଗ୍ୟବାନ୍ ମନେକଲା । ସେ ହାତକୁ ହାତ ପକାଇ, କାନ୍ଧକୁ କାନ୍ଧ ପକାଇ ତାହାଠାରୁ ଆହୁରି ଧୈର୍ଯ୍ୟ, ଆହୁରି ସାହସ ଦେଖାଇଲା । ବଣର ବାଘ ଭାଲୁ ତାକୁ ଡରିଲେ । ଖରା, ବର୍ଷା, ଶୀତ ତାକୁ ବାଧିଲାନାହିଁ; କିନ୍ତୁ ତାକୁ ବାଧିଲା ଆଲୋକ । ସେହି ବୁଢ଼ା ବରଗଛମୂଳେ ବଣରାଜ୍ୟର ସବୁ ମମତାକୁ ହରାଇ ପନ୍ଦରଫୁଟିଆ ଘରେ ଥିବା ଜଣଙ୍କ ହାତରୁ ସେ ଖାଇଲା ଔଷଧ । ଖାଇଲାବେଳେ ପବନ ବହୁଥିଲା, ଗଛପତ୍ର ହଲୁଥିଲେ, ବଣର ପଶୁପକ୍ଷୀଙ୍କ ଶବ୍ଦ ଶୁଣାଯାଉଥିଲା । ସେ କହିଲା – "ବାପା ! ମୁଁ ସେମାନଙ୍କ ପାଖକୁ ଫେରିଯିବି । ସେମାନେ ମନା କରୁଛନ୍ତି ଏଠାକୁ ଆସିବାକୁ ।" ପ୍ରାକୃତିକ ମଣିଷ ଅପ୍ରାକୃତିକ ବସ୍ତୁକୁ ଦେହରେ ଚଳାଇ ନ ପାରିଲେ ସେ ହେଲା ଅସଭ୍ୟ ! କୁହାଯିବ – ତାହାର ଶିକ୍ଷା ନାହିଁ । ଶୁକ୍ରୁ ଜାନିର ପୁଅର ଅବସ୍ଥା ସେ' ଯା ହେଲା । ତାହାର ରୋଗ ଗ୍ରହଣ କଲାନାହିଁ ସଭ୍ୟତାର ଔଷଧ । ସେ ଲୋଡୁଥିଲା ଚେରମୂଳ ଗଛପତ୍ର; ଆଖିବୁଜି ସେ ମାଟି ସାଙ୍ଗରେ ମିଶିଗଲା ।

ଶୁକ୍ରୁ ଜାନି ଆଖି ବୁଜି ଅନ୍ଧାର ଭିତରେ ଏଇ କଥା ଦେଖୁଥାଏ, ଆଉ, ଏଇ କଥା ଦେଖିବାକୁ ତାକୁ ଭଲ ଲାଗେ । ତେଣୁ ସେ ବେଶୀ ସମୟ ଆଖି ଫିଟାଏ ନାହିଁ । କୁକୁର ଡାକିଲେ ଶୁଣେ, ବେଳେବେଳେ ଶିକାରକୁ ଯାଏ । ଯେଉଁ ଦିନ ଶୁକ୍ରୁ ଜାନିକୁ ତା' ଜାତିର ଦୁଇ-ଚାରିଟା ଲୋକ ବନବୃନ୍ଦ ସେହି ବରଗଛମୂଳେ ଖଟିଆରେ ଆଣି ଶୁଆଇଦେଲେ, କୁକୁରଟି ବି ସାଥିରେ ଥିଲା । ସବୁବେଳେ ଆଖି ବୁଜି ସ୍ୱପ୍ନ ଦେଖିବାରେ ଆଖିରେ ତାର ପରଳ ପଡ଼ିଯାଇଥିଲା । ଖଟିଆରେ ଶୋଇ ସେହିପରି ସେ ଆଖି ବୁଜି କୁକୁରଟିକୁ ଆଉଁଶି ଆଉଁଶି କହିବାର ଶୁଣାଗଲା – ଆଖିର ଏ ପାଖରେ ମୁଁ ଆଉ ରହିବିନାହିଁ । ମୋତେ ନେଇଯାଅ ସେ ପାଖକୁ । ଆଖିର ସେପାଖେ ଅନେକ କଥା ଅଛି । ବିରାଟ ଜଙ୍ଗଲ ଅଛି, ଦୁର୍ଭେଦ୍ୟ ପର୍ବତ ଅଛି, ଅଗଣିତ ଜୀବଜନ୍ତୁ ଅଛନ୍ତି, ମୋ ପୁଅ ଶିକାର କରୁଛି । ମୁଁ ତାକୁ ଦେଖି ସାବାସ୍ ଦେଉଛି; ମୋତେ ଏଠା ଭଲ ଲାଗୁନାହିଁ ।

ଠିକ୍ ସେତିକିବେଳେ ଦମକାଏ ପବନ ବରଗଛର ସବୁଡାଳ, ସବୁପତ୍ରକୁ ହଲାଇଦେଲା, ସୁ-ସୁ ଶବ୍ଦ ଶୁଭିଲା, କୁକୁର ଭୁକିଉଠିଲା । ସେତିକିବେଳେ ଡାକ୍ତରଖାନାର ଦୁଇଟା ଲୋକ ଶୁକ୍ରୁ ଜାନିକୁ ଘର ଭିତରକୁ ନେଲେ ତାର ଆଖି ଅପରେସନ୍ ପାଇଁ । ଶୁକ୍ରୁ ଜାନି ଆଉ ଆଖି ଫିଟାଇଛି କି ନାହିଁ ଜଣାନାହିଁ; କିନ୍ତୁ ତାର କୁକୁରଟି ଏବେ କଳାହାଣ୍ଡି ଜଙ୍ଗଲର ଦି' – ଚାରି ଘର ବସ୍ତି କନ୍ଧ-ପଲ୍ଲୀରେ ବୁଲୁଥିବା ଦେଖାଯାଏ